# NATIONAL NEWS BULLETIN (ODIA)
## 9 August 2026
### Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ଦେଶବ୍ୟାପୀ ଆଜିଠାରୁ ଆରମ୍ଭ ହେଉଛି ହର୍ ଘର ତିରଙ୍ଗା ଅଭିଯାନ ।
- ବିଭିନ୍ନ ପ୍ରସଙ୍ଗରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ଦୃଢ଼ୀଭୂତ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀଙ୍କ ସହ ଆମେରିକା ଉପରାଷ୍ଟ୍ରପତିଙ୍କ ଆଲୋଚନା ।
- ଆସାମରେ ଗମ୍ଭୀର ରହିଛି ବନ୍ୟା ପରିସ୍ଥିତି, ମୃତ୍ୟୁସଂଖ୍ୟା ୯୯କୁ ବୃଦ୍ଧି ।
- ପ୍ରତିକୂଳ ପାଗକୁ ଦୃଷ୍ଟିରେ ରଖି ଶ୍ରୀଅମରନାଥଜୀ ଯାତ୍ରା ସ୍ଥଗିତ ।

ଏବଂ

- ଷୋଡଶ ହକି ଇଣ୍ଡିଆ ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନସିପ୍ ଡିଭିଜନ-ଏରେ ଓଡ଼ିଶା ଚାମ୍ପିୟନ ।

# ହର ଘର ତିରଙ୍ଗା

ହର ଘର ତିରଙ୍ଗା ଅଭିଯାନ ଆଜିଠାରୁ ଆରମ୍ଭ ହେଉଛି । ୧୭ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ । ଦେଶପ୍ରେମ, ଜାତୀୟ ଏକତା, ସାଂସ୍କୃତିକ ଐତିହ୍ୟକୁ ପାଳନ କରିବା ସହ ଜାତୀୟ ପତାକା ଉତ୍ତୋଳନରେ ନାଗରିକଙ୍କୁ ଉତ୍ସାହିତ କରିବା ଏହି ଅଭିଯାନର ମୂଳଲକ୍ଷ୍ୟ । ୨୦୨୨ ମସିହାରୁ ଆଜାଦୀ କା ଅମୃତ ମହୋତ୍ସବ ପାଳନର ଅଂଶ ଭାବେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା । ଭାରତର ସବୁଠାରୁ ଜନ ଭାଗିଦାରୀ ଅଭିଯାନ ମଧ୍ୟରୁ ଏହା ଅନ୍ୟତମ ଭାବେ ପରିଗଣିତ ହୋଇଛି । ବିଭିନ୍ନ ଅଞ୍ଚଳ ଏବଂ ସଂପ୍ରଦାୟର ନାଗରିକଙ୍କୁ ଦେଶର ଏକତା, ସମ୍ମାନ ଓ ସାମୂହିକ ଜାତୀୟ ପରିଚୟର ପ୍ରତୀକ ତ୍ରିରଙ୍ଗାକୁ ସମ୍ମାନ ପ୍ରଦର୍ଶନ କରିବା ଏହି ଅଭିଯାନ ପ୍ରେରଣା ଯୋଗାଇଥାଏ । ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ସହିତ ଚଳିତବର୍ଷ ଏହି ଅଭିଯାନ ବିଶେଷ ଗୁରୁତ୍ୱ ବହନ କରୁଛି । ଏହି ଅବସରରେ ଦେଶବ୍ୟାପୀ ବନ୍ଦେ ମାତରମ୍ ସାମୂହିକ ଗାନର ଆୟୋଜନ କରାଯିବ । ସଂସ୍କୃତି ମନ୍ତ୍ରଣାଳୟ ଦେଶବାସୀଙ୍କୁ ଏହି ଅଭିଯାନରେ ସାମିଲ ହୋଇ ଘରେ ଘରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ବନ୍ଦେ ମାତରମ୍ ଗାନ କରିବାକୁ ଆହ୍ୱାନ ଦିଆଯାଇଛି । ୨୦୦ରୁ ଅଧିକ ଭାରତୀୟ ଦୂତାବାସ ଏବଂ କନ୍‌ସୁଲେଟ

ଜେନେରାଲ କାର୍ଯ୍ୟାଳୟ ଏହି ଅଭିଯାନକୁ ପାଳନ କରିବା ପାଇଁ ସ୍ୱତନ୍ତ୍ର ଆୟୋଜନ କରିଛି । ଚଳିତବର୍ଷ ଏହି ଅଭିଯାନର ପ୍ରମୁଖ ଆକର୍ଷଣ ହେବ ସୂର୍ଯ୍ୟପଥ ତ୍ରିରଙ୍ଗା ଡିଜିଟାଲ ର୍‌ୟାଲି । ଏଥିରେ ବିଶ୍ୱର ବିଭିନ୍ନ ଅଞ୍ଚଳରେ ସୂର୍ଯ୍ୟୋଦୟ କ୍ରମ ଅନୁଯାୟୀ ମନୋନୀତ ହୋଇଥିବା ୫୪ଟି ଭାରତୀୟ ମିଶନ ଏବଂ ପୋଷ୍ଟ ଅଂଶଗ୍ରହଣ କରିବେ । ଆସନ୍ତା ୧୫ ତାରିଖରେ ଫିଜିରେ ଭାରତର ପୂର୍ବଭାଗ କୂଟନୈତିକ ମିଶନରୁ ଆରମ୍ଭ ହୋଇ ସାନ୍ ଫ୍ରାନ୍ସିସକୋସ୍ଥିତ ଭାରତର କନ୍‌ସୁଲେଟ ଜେନେରାଲ କାର୍ଯ୍ୟାଳୟରେ ଏହି ର୍‌ୟାଲି ଶେଷ ହେବ ।

ସ୍ୱାଧୀନତା ଦିବସ ପାଳନର ଏକ ଅଂଶ ଭାବେ ଆସନ୍ତା ୧୪ତାରିଖରୁ ଦେଶବ୍ୟାପୀ ବିଭାଜନ ସ୍ମୃତି ଦିବସ ପାଳନ କରାଯିବ । ଭାରତ ବିଭାଜନ ଯୋଗୁଁ ହୋଇଥିବା ଦୁଃଖ ଏବଂ ବିସ୍ଥାପନକୁ ସ୍ମରଣ କରି ଏହି ଦିବସ ପାଳନ କରାଯିବ । ଏହି ଅବସରରେ ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ନୀରବ ଶୋଭାଯାତ୍ରା, ବିଭାଜନ ସମ୍ପର୍କିତ ପ୍ରଦର୍ଶନୀ, ତଥ୍ୟଭିତ୍ତିକ ଡକ୍ୟୁମେଣ୍ଟାରୀ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ପିଏମ୍ ମୋଦୀ-ୟୁଏସ୍ ଭିପି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଗତକାଲି ଟେଲିଫୋନ୍ ଯୋଗେ କଥାବାର୍ତ୍ତା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ

କହିଛନ୍ତି ପ୍ରମୁଖ କ୍ଷେତ୍ର ଗୁଡ଼ିକରେ ଦ୍ୱିପାକ୍ଷିକ ବିଶ୍ୱ ରଣନୈତିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି । ବାଣିଜ୍ୟ, ପ୍ରତିରକ୍ଷା, ସୁରକ୍ଷା, ଆଧୁନିକ ପ୍ରଯୁକ୍ତି ବିଦ୍ୟା, ଶକ୍ତି ତଥା ଗୁରୁତ୍ୱପୂର୍ଣ୍ଣ ଖଣିଜପଦାର୍ଥ କ୍ଷେତ୍ରରେ ସହଯୋଗକୁ ଅଧିକ ମଜଭୁତ କରିବା ନେଇ ଉଭୟ ଦେଶ ସେମାନଙ୍କର ଅଙ୍ଗୀକାରବଦ୍ଧତାକୁ ପ୍ରକାଶ କରିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ତଥା ବୈଶ୍ୱିକ ପ୍ରସଙ୍ଗ ଉପରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଜେଏଚ୍‌-ଷ୍ଟୁଡେଣ୍ଟ ପ୍ରୋଟେଷ୍ଟ

ଝାଡ଼ଖଣ୍ଡ ରାଜ୍ୟ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗ ନେଇ ସୃଷ୍ଟ ପରିସ୍ଥିତି ସମାଧାନ ଆଡକୁ ଗତି କରୁଥିବା ଜଣାପଡିଛି । ରାଜ୍ୟ ସରକାର ଆଜି ପ୍ରତିବାଦକାରୀ ଛାତ୍ରଙ୍କ ସହ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା କରିବେ । ମଧ୍ୟାହ୍ନ ୧୨ଟାରେ ଏହି ବୈଠକ ହେବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଏହାପୂର୍ବରୁ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଥିବା ସରକାରୀ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିନିଧି ମଣ୍ଡଳୀର ଜଣେ ସଦସ୍ୟ ସୂଚନା ଦେଇଛନ୍ତି । ରାଜ୍ୟ ସରକାର ଏବଂ ପ୍ରତିବାଦକାରୀ ଛାତ୍ରଙ୍କ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଗତକାଲି ରାଞ୍ଚିର ରାଜ୍ୟ ଅତିଥି ଭବନରେ ସକରାତ୍ମକ ପରିବେଶରେ ଆଲୋଚନା ହୋଇଥିବା ଜଣାପଡିଛି । ପରୀକ୍ଷା

ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ପାଇଁ ରାଜ୍ୟ ସରକାରଙ୍କ ଅଙ୍ଗୀକାରବଦ୍ଧତାନେଇ ମନ୍ତ୍ରୀ ପରିଷଦର ସଦସ୍ୟ କହିଛନ୍ତି । ପରୀକ୍ଷା ପରିଚାଳନା କ୍ଷେତ୍ରରେ ଅଧିକ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ସମାଜର ବିଭିନ୍ନ ବର୍ଗଙ୍କ ଠାରୁ ମତାମତ ଆହ୍ୱାନ କରିଛନ୍ତି । ଏଥିପାଇଁ ଏକ ସ୍ୱତନ୍ତ୍ର ଇ-ମେଲ୍ ଆଇଡି କାର୍ଯ୍ୟକାରୀ କରାଯାଇଛି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ଆସାମ ଫ୍ଲଡ

ଆସାମର ବନ୍ୟା ପରିସ୍ଥିତି ଏବେ ମଧ୍ୟ ଗମ୍ଭୀର ରହିଛି । ଗତକାଲି ଆଉଜଣଙ୍କର ମୃତ୍ୟୁ ସହ ବନ୍ୟାରେ ମୃତ୍ୟୁସଂଖ୍ୟା ୯୯ରେ ପହଞ୍ଚିଛି । ୧ଲକ୍ଷ ୪୭ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଥିବା ସରକାରୀଭାବେ ସୂଚନା ଦିଆଯାଇଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ ରାଜ୍ୟର ମୋଟ୍ ୧୨ଟି ଜିଲ୍ଲା ବନ୍ୟାଦ୍ୱାରା ବିଶେଷଭାବେ ପ୍ରଭାବିତ ହୋଇଛି । ଗୋଲାଘାଟ ଜିଲ୍ଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ୪୧ଟି ରିଲିଫ ବଣ୍ଟନ କେନ୍ଦ୍ର ମାଧ୍ୟମରେ ଲୋକଙ୍କୁ ସହଯୋଗ ପ୍ରଦାନ କରାଯାଉଛି । ପାଖାପାଖି ୧୦ହଜାର ୬୦୦ ହେକ୍ଟର ଜମିରେ ଫସଲ ବନ୍ୟାଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଆକଳନ କରାଯାଇଛି ।

# ଅମରନାଥ ଯାତ୍ରା

ଜାମ୍ମୁ-କାଶ୍ମୀରରେ ପ୍ରବଳ ବର୍ଷା ଏବଂ ପ୍ରତିକୂଳ ପାଗକୁ ଦୃଷ୍ଟିରେ ରଖି ଆଜିଠାରୁ ଶ୍ରୀ ଅମରନାଥ ଜୀ ଯାତ୍ରା ସ୍ଥଗିତ ରଖାଯାଇଛି । ଉଭୟ ପହଲଗାମ ଏବଂ ବାଲ୍‌ତାଲ୍ ପଟରୁ ଏହି ଯାତ୍ରା ବନ୍ଦ ରହିଛି । ପାଣିପାଗ ବିଭାଗ ପକ୍ଷରୁ କରାଯାଇଥିବା ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି । ରାମବନ ଜିଲ୍ଲା ଏବଂ କାଶ୍ମୀରର କେତେକ ଅଞ୍ଚଳରେ ବର୍ଷା ତଥା ପ୍ରତିକୂଳ ପାଗ ପରିସ୍ଥିତିର ମୁକାବିଲା ନେଇ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଜାମ୍ମୁର ଭଗବତୀ ନଗର ମୂଳ କ୍ୟାମ୍ପରୁ ଗତକାଲି କୌଣସି ନୂତନ ତୀର୍ଥଯାତ୍ରୀ ଦଳକୁ ଯାତ୍ରା ଆରମ୍ଭ କରିବାକୁ ଅନୁମତି ଦିଆଯାଇ ନାହିଁ । ଦର୍ଶନ ଶେଷ କରି ବାଲ୍‌ତାଲ୍ ମୂଳ କ୍ୟାମ୍ପକୁ ପ୍ରତ୍ୟାବର୍ତ୍ତନ କରିଥିବା ୧ହଜାର ୨୦୨ ତୀର୍ଥଯାତ୍ରୀଙ୍କୁ ନେଇ ଗଠିତ ୨୮ତମ ଦଳକୁ ଜାମ୍ମୁ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବା ନେଇ ୪୪ଟି ଗାଡ଼ିର ବ୍ୟବସ୍ଥା କରାଯାଇଛି । ଅନ୍ୟପକ୍ଷରେ ଗତକାଲି ୩ହଜାର ୩୩୬ଜଣ ତୀର୍ଥଯାତ୍ରୀ ପବିତ୍ର ଗୁମ୍ଫା ଦର୍ଶନ କରିଛନ୍ତି । ଏପର୍ଯ୍ୟନ୍ତ ଚଳିତବର୍ଷ ଦର୍ଶନ କରିଥିବା ତୀର୍ଥଯାତ୍ରୀଙ୍କ ସଂଖ୍ୟା ୪ଲକ୍ଷ ୮୦ହଜାର ୧୯ରେ ପହଞ୍ଚିଛି । ଗତମାସ ୩ ତାରିଖରୁ ଆରମ୍ଭ ହୋଇଥିବା ୫୭ଦିନ ବ୍ୟାପୀ ଏହି ଯାତ୍ରା ଆସନ୍ତା ୨୮ତାରିଖରେ ଛଡି ମୁବାରକ ସହ ଶେଷ ହେବାର କାର୍ଯ୍ୟସୂଚୀ ରହିଛି । ବର୍ଷାଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ତୀର୍ଥପଥ

ଗୁଡ଼ିକର ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି ବୋଲି ସ୍ଥାନୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

## ଇରାନ୍-ୟୁ.ଏସ୍. ଏମ୍.ଓ.ୟୁ.

ସ୍ୱରୂପ ସ୍ୱାର୍ଥକୁ ସୁରକ୍ଷା ଦେବାପାଇଁ କୂଟନୈତିକ ପ୍ରୟାସ ଉପରେ ତେହେରାନ୍‌ର ଅଙ୍ଗୀକାରବଦ୍ଧତା ଉପରେ ଇରାନ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସରକାରୀ ୱେବ୍‌ସାଇଟ୍‌ରେ ପ୍ରକାଶିତ ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି, ଇରାନ୍‌କୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରାଯିବା ଉଚିତ ନୁହେଁ । ଆମେରିକା ସହିତ ଆଲୋଚନା କରିବା ଏବଂ ଯୁଦ୍ଧ ସମାପ୍ତ ନେଇ ବୁଝାମଣାପତ୍ର ସ୍ୱାକ୍ଷରଜନିତ ନିଷ୍ପତ୍ତିକୁ ଇରାନ୍ ସରକାର ନିଶ୍ଚିତ କରିସାରିଛନ୍ତି । ତେବେ ଚୁକ୍ତି ଅନୁଯାୟୀ ୱାଶିଂଟନ୍ ଏହାର ଦାୟିତ୍ୱ ପୂରଣ କଲେ ଇରାନ୍ ମଧ୍ୟ ଅନୁରୂପ ପଦକ୍ଷେପ ଗ୍ରହଣ କରିବ ବୋଲି ସେ ଘୋଷଣା କରିଛନ୍ତି । ଗତ ଜୁନ୍ ମାସରେ ସ୍ୱାକ୍ଷରିତ ହୋଇଥିବା ଏହି ବୁଝାମଣାପତ୍ର ଅନୁଯାୟୀ ଉଭୟ ପକ୍ଷଙ୍କୁ ଆଲୋଚନା ତଥା ଏକ ସ୍ଥାୟୀ ଶାନ୍ତି ଚୁକ୍ତିନାମା କାର୍ଯ୍ୟକାରୀ କରିବା ନେଇ ୬୦ ଦିନର ସମୟସୀମା ପ୍ରଦାନ କରାଯାଇଥିଲା ।

## ୟୁଏସ୍-ଏଚ୍-ୱାନ୍‌ବି ଭିସା

**H-1B** ଭିସାଧାରୀ ପ୍ରବାସୀ କର୍ମଚାରୀଙ୍କୁ ପ୍ରଦାନ କରାଯାଉଥିବା ୬୦ଦିନର ଅବଧିକୁ ସମାପ୍ତ କରିବା ଲକ୍ଷ୍ୟନେଇ ଆମେରିକା ସରକର

ବିଚାର କରୁଥିବା ଜଣାପଡିଛି । ହ୍ୱାଇଟ୍ ହାଉସ୍ ଅଫିସ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ୍ ବଜେଟ୍ ଦ୍ୱାରା ଏହି ପ୍ରସ୍ତାବର ସମୀକ୍ଷା କରାଯାଉଛି । ତେବେ ଏହା ଉପରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ । ଏଭଳି ପଦକ୍ଷେପ **H-1B** ଭିସାଧାରୀ କର୍ମଚାରୀଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇବ । ତୁରନ୍ତ ସେମାନଙ୍କୁ ଆମେରିକା ଛାଡିବାକୁ ପଡିପାରେ । ଏଭଳି ନିଷ୍ପତ୍ତି ଦ୍ୱାରା ସବୁଠାରୁ ଅଧିକ ପ୍ରବାସୀ ଭାରତୀୟ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି । ଆମେରିକାର ଜନଗଣନା ତଥ୍ୟ ସୂଚନା ଅନୁଯାୟୀ ୫ ଦଶମିକ ୨ ନିୟୁତରୁ ଅଧିକ ଭାରତୀୟ ବଂଶୋଦ୍ଭବ ଏବେ ଆମେରିକାରେ ବସବାସ କରୁଛନ୍ତି ।

## ଅଗଷ୍ଟକ୍ରାନ୍ତି ଦିବସ

ଦେଶପାଇଁ ଅସୀମ ତ୍ୟାଗ ଓ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରି ଭାରତଛାଡ ଆନ୍ଦୋଳନର ସ୍ମୃତି ଉଦ୍ଦେଶ୍ୟରେ ଆଜିର ଦିନକୁ ଦେଶବ୍ୟାପୀ ଅଗଷ୍ଟ କ୍ରାନ୍ତିଦିବସ ଭାବେ ପାଳନ କରାଯାଉଛି। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ଆରମ୍ଭ ହୋଇଥିବା ଭାରତଛାଡ ଆନ୍ଦୋଳନ ଦେଶର ଇତିହାସର ଦିଗ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଇଂରେଜ ସରକାରଙ୍କ ବିରୁଦ୍ଧରେ ଭାରତଛାଡ ଆନ୍ଦୋଳନ ଏକ ସର୍ବଭାରତୀୟ ଆନ୍ଦୋଳନରେ ପରିଣତ ହୋଇ କ୍ରାନ୍ତିର ରୂପ ନେଇଥିଲା। ମୁମ୍ବାଇର ଅଗଷ୍ଟକ୍ରାନ୍ତି ପଡ଼ିଆରୁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ

ମନେ ପକାଇ ଅଗଷ୍ଟ ୯ ତାରିଖକୁ ଅଗଷ୍ଟ କ୍ରାନ୍ତିଦିବସ ଭାବେ ପାଳନ କରାଯାଇଥାଏ।

## ହକି

ତାମିଲନାଡୁର କୋଏମ୍ବାଟୁରଠାରେ ଅନୁଷ୍ଠିତ ଷୋଡଶ ହକି ଇଣ୍ଡିଆ ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନସିପ ଡିଭିଜନ-ଏରେ ଓଡିଶାଦଳ ବିଜେତା ହୋଇଛି। ଗତକାଲି ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଓଡିଶା ୨-୧ଗୋଲରେ ମଧ୍ୟପ୍ରଦେଶକୁ ପରାସ୍ତ କରି ବିଜେତା ହୋଇଛି। ଦଳର ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି।